PORT VIBES
E-MAGAZINE OF PARADIP PORT TRUST
An ISO-9001 : 2015 Certified and ISPS Compliance Port
SAGARMALA
Vol. - 4 Issue - 35 July - 2019

# Paradip Port Surges Ahead

Paradip Port Trust, in the current financial year up to June, 2019, has handled 28.20 Million Metric Tonnes, as compared to 26.63 Million Metric Tonnes of Cargo handled during the corresponding period of previous year, thereby an increase of 5.89 % over the traffic handled during the corresponding period of previous year.

In the current financial year up to June, 2019, POL traffic has exhibited a growth of 11.28%, Iron Ore traffic has exhibited a growth of 186.12% and Container traffic has exhibited a growth of 11.93%. Paradip Port has retained the second highest position in terms of Cargo handled amongst all the major ports till the end of June, 2019.

The Port also handled 502 vessels up to June, 2019, as compared to 488 vessels during corresponding period in previous year.

Paradip Port Trust handled 9.72 Million Metric Tonnes of rail-borne traffic up to the end of June, 2019, as compared to 9.20 Million Metric Tonnes handled during the corresponding period of previous year, exhibiting a growth of 5.65%.

The Port has already taken a slew of measures, which have ensured improvement in productivity of ship day from 26247 MT in 2018-19 to 26910 MT for ship day in 2019-20 (up to June, 2019), witnessing a growth of 2.53%.

**Principal commodity-wise traffic handled in FY 2019-20 (Up to June, 2019)**




# Visit of Hon'be Secretary (Shipping) to PPT

Shri Gopal Krishna, IAS, Hon'ble Secretary, Ministry of Shipping, Govt. of India, made a visit to Paradip Port Trust on 21.06.19, as a part of regular review.

Shri Rinkesh Roy, Chairman, Paradip Port Trust, along with HODs, received & welcomed him and explained the progress of the ongoing projects in the Port and gave a detailed account of various activities undertaken for augmentation of Port Capacity, at the review meeting held at the Board Room of PPT. Secretary, Shipping expressed, his satisfaction on the progress of the Projects undertaken by Paradip Port Trust and congratulated the PPT Chairman & his team for the excellent performance and growth.

During the visit, Hon'ble Secretary also had interactions with stakeholders of Port and visited the Harbour Area and Mechanized Coal Handling Plant.



# International Yoga Day observed at PPT

The 5th International Day of Yoga was observed by Paradip Port Trust with joy & fervor on 21.06.2019. Shri Bimal Kumar Jha, Secretary, PPT, inaugurated the Yoga session at the Officers' Club premises in the morning along with Shri S.K. Sahu, FA & CAO, and other Officers & Employees of Paradip Port Trust, CISF personnel of PPT Unit and residents of the Port Township, who actively participated in large numbers in the programme. Yoga demonstrations were organized at two venues i.e., Officers' Club and Gopabandhu Stadium.

Yoga Trainers from Prajapita Brahmakumaris Ishwariya Vishwa Vidyalaya conducted the programme at Officers' Club and the trainer from Art of Living, Paradip, conducted Yoga programme at Gopabandhu Stadium.





# PPT donated Rs. 5 Crore to CM Relief Fund for Cyclone Fani

Chairman of Paraip Port Trust, Shri Rinkesh Roy, met Chief Minister Shri Naveen Patnaik on 4th June, 2019 and handed over a cheque of Rs. 5 crore for CM Relief Fund towards rehabilitation and restoration efforts in areas affected by cyclone Fani. PPT had engaged all resources to ensure cleaning of creeks & drains, functioning of cyclone shelters with provisions like light, fan, generator, overhead tank with water and drinking water facilities. Buses were deployed to evacuate around 8 thousand people from the vulnerable areas of nearby localities. PPT Hospital pressed a dedicated doctors' team with an ambulance to provide necessary medical services to the affected. People in the cyclone shelters were provided with both dry and cooked food in breakfast, lunch & dinner along with bottled drinking water.



# ପାରଦୀପ ବନ୍ଦର ଆନୁକୂଲ୍ୟରେ ଜାକଜମକରେ ରଜପର୍ବର ଆୟୋଜନ

ବିଗତ ବର୍ଷଗୁଡିକ ପରି, ଚଳିତବର୍ଷ ମଧ୍ୟ ପାରାଦୀପ ବନ୍ଦର ଆନୁକୂଲ୍ୟରେ ଓଡିଶାର କୃଷି ଆଧାରିତ ପର୍ବ - ରଜ ମହୋତ୍ସବ ଜୁନ୍ ୧୪ରୁ ୧୬ ତାରିଖ ଯାଏଁ ଆୟୋଜିତ ହୋଇଛି। ପାରାଦୀପ ଲେଡିଜ କ୍ଲବ ସଭାନେତ୍ରୀ ଶ୍ରୀମତୀ ଶୁଭଲକ୍ଷ୍ମୀ ରାୟ ଓ ବନ୍ଦର ଅଧ୍ୟକ୍ଷ ଶ୍ରୀ ରିଙ୍କେଶ ରାୟ ଆନୁଷ୍ଠାନିକ ଭାବେ ପ୍ରତୀକାତ୍ମକ ପୋଡପିଠା କାଟି ରଜମହୋତ୍ସବର ଶୁଭାରମ୍ଭ କରିଥିଲେ । ଶ୍ରୀମତୀ ରାୟ ଏହି ଅବସରରେ ପାରାଦୀପ ଅଧିବାସୀଙ୍କୁ ରଜ ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ । ପାରାଦୀପ ଲେଡିଜ କ୍ଲବ ସଂପାଦିକା ଶ୍ରୀମତୀ କଳ୍ପନା ସାହୁ, ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ, ଅଧିକାରୀ ଓ କର୍ମଚାରୀ ତଥା ସେମାନଙ୍କ ପରିବାର ବର୍ଗ ଏଥରର ଆୟୋଜନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବନ୍ଦରର ସାଂସ୍କୃତିକ ଶାଖା - ଜଗନ୍ନାଥ ଲଳିତକଳା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ଏହି ମହୋତ୍ସବ ଆୟୋଜିତ ହୋଇଛି । ବନ୍ଦରାଂଚଳ ସହିତ ଆଖପାଖ ଅଂଚଳର ଲୋକମାନଙ୍କୁ ଏକତା ରଜ୍ଜୁରେ ବାନ୍ଧି ରଖିବା ଲାଗି ଏହା ଏକ ମହତ ପ୍ରୟାସ । ତିନିଦିନ ଧରି ଏହି ଆୟୋଜନରେ କିଶୋରୀ ଓ ମହିଳାଙ୍କ ମଧ୍ୟରେ ପୋଡପିଠା, ହୁଳହୁଳି, ଶଙ୍ଖବାଦନ, ରଜ ପାନ, ରଜ ବେଶ, ଗୀତ, ଲୁଡୁ, ତାସ, ରଜ ଦୋଳି, ନୃତ୍ୟ, କବିତା ପାଠ ଆଦି ପ୍ରତିଯୋଗୀତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



# ପାରାଦୀପ ବନ୍ଦର ନ୍ୟାସ ଏବଂ ଓସାକ୍ସ ର ମିଳିତ ଆନୁକୂଲ୍ୟରେ ବନ୍ଦରରେ ଦୁଇ ଦିବସୀୟ 'ନିଜର ଏଚ୍.ଆଇ.ଭି ସ୍ଥିତି ଜାଣନ୍ତୁ'ଅଭିଯାନ

ସମଗ୍ର ବିଶ୍ୱକୁ ଏଡ୍ସ ବ୍ୟାଧିରୁ ମୁକ୍ତ କରିବାଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଉଦ୍ୟମର ଅଂଶ ବିଶେଷ, ଓଡିଶା ଏଡ୍ସ ନିୟନ୍ତ୍ରଣ ସୋସାଇଟି – ଓସାକ୍ସ ଓ ପାରାଦୀପ ବନ୍ଦର ମିଳିତ ଭାବେ  ଦୁଇ ଦିବସୀୟ – ନିଜର ଏଚ୍.ଆଇ.ଭି ସ୍ଥିତି ଜାଣନ୍ତୁ ଅଭିଯାନ ଜୁନ ୨୮–୨୯ ଯାଏ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବନ୍ଦର ସଚିବ ଶ୍ରୀ ବିମଳ କୁମାର ଝା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓସାକ୍‌ର ସହ ନିର୍ଦ୍ଦେଶିକା ଶ୍ରୀମତୀ ସ୍ମୃତି ସାଗରିକା କାନୁନ୍‌ଗୋ, ବନ୍ଦର ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାଃ ପ୍ରହ୍ଲାଦ ପଣ୍ଡା, ମୁଖ୍ୟ ଅର୍ଥ ପରାମର୍ଶ ଦାତା ଶ୍ରୀ ସୁରେନ୍ଦ୍ର କୁମାର ସାହୁ, ମୁଖ୍ୟ ଯନ୍ତ୍ରୀ ଶ୍ରୀ କେ ରାମଚନ୍ଦ୍ର ରାଓ, ମୁଖ୍ୟ ଯନ୍ତ୍ରୀ (ଯାନ୍ତ୍ରିକ) ଶ୍ରୀ ସରୋଜ କୁମାର ଦାସ, ନୋଡାଲ ଅଧିକାରୀ ଡାଃ ମାୟାରାଣୀ ଦେବୀ ପ୍ରମୁଖ ତଥା ବନ୍ଦରର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ମ୍ୟାଜିକ ଶୋ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । ଉଲ୍ଲେଖନୀୟ, ଦୁଇ ଦିନ ଧରି ଏଚ୍.ଆଇ.ଭି. ନିରୂପଣ ଶିବିର ବନ୍ଦର ପ୍ରଶାସନିକ କାର୍ଯ୍ୟାଳୟ, ପୋତାଶ୍ରୟ ଗେଟ୍ ନଂ ୨, ୩, ୪ ଏବଂ ୫ରେ ଅନୁଷ୍ଠିତ ହୋଇଥିଲା । ଏହାଛଡା ପାରଂପରିକ ଲୋକନୃତ୍ୟ ମାଧ୍ୟମରେ ବି ଜନସଚେତନତା ସୃଷ୍ଟି କରାଯାଇଥିଲା । ପାରାଦୀପ ବନ୍ଦରରେ ଏଚ.ଆଇ.ଭି. ଏଡ୍ସ ସଂପର୍କିତ କାର୍ଯ୍ୟସ୍ଥଳୀ ନୀତି ପ୍ରଣୀତ ହୋଇଛି, ଯାହାକି ଏଡ୍ସ ସମ୍ବନ୍ଧୀୟ ଭେଦ ଭାବକୁ ଦୂର କରିବାଲାଗି ଉଦ୍ଦିଷ୍ଟ ।

ସୂଚନାଯୋଗ୍ୟ, ୨୦୧୩ ରେ ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଗଠନ, କେନ୍ଦ୍ର ସରକାର ଓ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରାଳୟ ମଧ୍ୟରେ ଏଡ୍ସ ନିୟନ୍ତ୍ରଣ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହା ବଳରେ ବନ୍ଦର ଚିକିତ୍ସାଳୟରେ ମାଗଣାରେ ଏଚ୍.ଆଇ.ଭି. ଚିହ୍ନଟ ପରୀକ୍ଷା, ପରାମର୍ଶ ବ୍ୟବସ୍ଥା ସବୁଦିନ କରାଯାଉଛି । ପ୍ରତିବର୍ଷ ବନ୍ଦରରେ ବିଶ୍ୱ ଏଡ୍ସ ଦିବସ ପାଳନ, ବିଭିନ୍ନ ସମୟରେ ପଥ ପ୍ରାନ୍ତ ନାଟକ ଓ ଜନ ସଚେତନତା ଅଭିଯାନ ଜରିଆରେ ସ୍ଥାନୀୟ ଅଧିବାସୀଙ୍କୁ ଏହି ବ୍ୟାଧି ସଂପର୍କରେ ଅବଗତ କରାଯାଉଛି ।




# ପାରାଦୀପ ବନ୍ଦର ନ୍ୟାସ ଓ ପାରାଦୀପ ସାକ୍ଷରତା ସମିତି ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ

ବିଶ୍ୱ  ପରିବେଶ ଦିବସ ଉପଲକ୍ଷେ ସ୍ଥାନୀୟ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଜୁନ୍ ୫, ୨୦୧୯ ସକାଳେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ରିଙ୍କେଶ ରାୟ ମୁଖ୍ୟ ଅତିଥି ଏବଂ ପାରାଦୀପ ଲେଡିଜ କ୍ଲବ ସଭାନେତ୍ରୀ ଶ୍ରୀମତୀ ଶୁଭଲକ୍ଷ୍ମୀ ରାୟ ସମ୍ମାନିତ ଅତିଥି ତଥା ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ବୃକ୍ଷ ଚାରା ରୋପଣ କରିଥିଲେ । ଏହାଛଡା, ପାରାଦୀପ ସାକ୍ଷରତା ସମିତି (ପି.ଏସ୍.ଏସ୍.), ବୃନ୍ଦାବନ କଲୋନୀରେ ସ୍ଥାନୀୟ ମହିଳାମାନଙ୍କୁ ସଙ୍ଗଠିତ କରି ଏକ ସମୂହ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଏଥିରେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଯୋଗ ଦେଇଥିଲେ ।

ଅପରାହ୍ନରେ ପି.ଏସ୍.ଏସ୍. ଉପାଧ୍ୟକ୍ଷ ଇଂ ଦୀପକ କୁମାର ରଥଙ୍କ ପୌରୋହିତ୍ୟରେ ଅଫିସର୍ସ କ୍ଲବରେ ଏକ ପରିବେଶ ସଚେତନତା ମୂଳକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଲୋକାୟୁକ୍ତ ସଦସ୍ୟ ଡଃ ଦେବବ୍ରତ ସ୍ୱାଇଁ ମୁଖ୍ୟ ଅତିଥି, ଭୂତତ୍ତ୍ୱବିତ ଡଃ ଜେନାମଣି ସଂଜୀବ କୁମାର ମୁଖ୍ୟବକ୍ତା, ପାରାଦୀପ ବନ୍ଦରର ସି.ଏମ୍.ଇ. ଶ୍ରୀ ସରୋଜ କୁମାର ଦାସ ଏବଂ ପରିବେଶ ଉପଦେଷ୍ଟା ଶ୍ରୀ ଜିତଶତ୍ରୁ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ପି.ଏସ୍.ଏସ୍. ପକ୍ଷରୁ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଙ୍କୁ ମାନପତ୍ର ସହିତ ସଂବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ପି.ଏସ୍.ଏସ୍. ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପି.ଏସ୍.ଏସ୍. ସଂଯୋଜକ ଶ୍ରୀ ଅଶୋକ ମହାପାତ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଶ୍ରୀ ପ୍ରଭାତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



# Cleaning Operations by PPT under Swachh Bharat Campaign in the localities of Paradip

PPT continued its campaign for cleaning of Paradip town, as the Finance & Accounts Deptt. ofParadip Port Trust carried out cleaning operations under Swachh Bharat Abhiyan at the KabbarKhana Market on 01.06.2019 . The Medical Deptt. conduted Swachh Bharat Campaign at Noliasahi, Nuabazar and within the PPT Hospital premises on 23.06.2019. The message - "Our Cleanliness is the beauty of Mother India" was spread out.

The Officers and Employees of both the Departments of PPT cleaned the surroundings, removed the roadside garbage, weeds, debris etc. from the respective areas.

PPT has made a year-long schedule to undertake cleanliness in and around Paradip area on 1st and 3rd Saturdays of every month, by each Department.






**Published by :** Paradip Port Trust, At/Po : Paradip Port, Dist : Jagatsinghpur, Odisha, Pin : - 754 142, Ph. : 06722 - 222395
E-mail : pro@paradipport.gov.in, **Chief Editor :** Bimal Kumar Jha, Secretary, **Editor :** Prakash Chandra Mishra, PRO
**Associate Editor :** Ratikanta Nayak, Chief Manager (CR&C), This e-Magazine is an in-house magazine of PPT.